| CSM – 41/21 |
|---|
| Indian Language & Literature in Odia |
| Paper – II |

*Time : 3 hours*

*Full Marks : 300*

*The figures in the right-hand margin indicate marks.*

*Candidates should attempt Q. No. 1 from Section – A and Q. No. 5 from Section – B which are compulsory and any **three** of the remaining questions, selecting at least **one** from each Section.*

## SECTION – A

1. ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଦିଅ : 20×3 = 60

(କ) 'ଗଦାପର୍ବ' ଆଧାରରେ ସାରଳା ଦାସଙ୍କର ମୌଳିକତା ପ୍ରଦର୍ଶନ କର ।

(ଖ) ଜଗନ୍ନାଥ ଦାସଙ୍କ ଭାଗବତ ଓଡ଼ିଆ ଜାତିର ଜୀବନ ଆଦର୍ଶ – 'ଯଦୁ ଅବଧୂତ ସମ୍ବାଦ' ଅବଲମ୍ବନରେ ଆଲୋଚନା କର ।

(ଗ) 'କଲ୍ଲୋଳେ ପଦ ଲାଳିତ୍ୟମ୍' — ଏହି ଉକ୍ତିର ଯଥାର୍ଥତା 'ରସକଲ୍ଲୋଳ' କାବ୍ୟର ପଠିତାଂଶ ଅବଲମ୍ବନରେ ଦର୍ଶାଅ ।

(ଘ) ମହାକାବ୍ୟର ରୀତି ଅନୁସରଣରେ 'ଲାବଣ୍ୟବତୀ' କାବ୍ୟର ସାର୍ଥକତା ପଠିତାଂଶ ଅବଲମ୍ବନରେ ବିଶ୍ଳେଷଣ କର ।

2. 'ଚିଲିକା' କାବ୍ୟରେ ଉତ୍କଳର ପ୍ରକୃତି ସହିତ ଗୌରବ ଓ ମହନୀୟତା କିପରି ପ୍ରତିଫଳିତ ହୋଇଛି ଆଲୋଚନା କର । 60

3. ସ୍ୱଦେଶର ପ୍ରକୃତି ମାଧୁରୀ, ମାନବିକ କାର୍ଯ୍ୟକଳାପ ଓ ଆତ୍ମିକରସ ସମ୍ପଦ 'ମହାନଦୀରେ ଜ୍ୟୋସ୍ନା ବିହାର' କବିତାର ସୌଷ୍ଠବ ବହନ କରିଛି — ବିଚାର କର । 60

4. ମୃତ୍ୟୁପ୍ରତି ଏକ ପ୍ରକାର ଆତ୍ମସମର୍ପଣ ଭାବ 'ସପ୍ତମ ଋତୁ' ରେ କିପରି ଉତ୍ତରିତ ହୋଇଛି, ଆଲୋଚନା କର । 60

## SECTION – B

5. ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଦିଅ : 20×3 = 60

(କ) ଏକ ପ୍ରୟୋଗାତ୍ମକ ନାଟକ ଭାବରେ 'ତଟ ନିରଞ୍ଜନା'ର ସାର୍ଥକତା ବିଚାର କର ।

(ଖ) 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସରେ ଓଡ଼ିଶାର ଗ୍ରାମ୍ୟ ଜୀବନର ମର୍ମସ୍ପର୍ଶୀ ଜୀବନ୍ତ ଚିତ୍ର କିପରି ପ୍ରାଣବନ୍ତ ହୋଇ ଉଠିଛି ବିଚାର କର ।

(ଗ) 'ଏହି ସଂଗ୍ରାମ ରାଜନୀତିର ନୁହେଁ, ଏହା ଜୀବନର ନୀତିର ସଂଗ୍ରାମ' — ପଠିତ ପ୍ରବନ୍ଧ ଅବଲମ୍ବନରେ ଆଲୋଚନା କର ।

(ଘ) 'ମରାଳର ମୃତ୍ୟୁ'ର ପଠିତ ଗଳ୍ପଗୁଡ଼ିକର ଆଙ୍ଗିକ ଓ ଆତ୍ମିକ ବିଭବ କିପରି ସରସ, ସୁନ୍ଦର ଓ ଉପଭୋଗ୍ୟ ବିଶ୍ଳେଷଣ କର ।

6. 'ଦାନାପାଣି' ଉପନ୍ୟାସ ସହର ସଭ୍ୟତାର ମୃତପିଣ୍ଡର ଅନୁଶୀଳନ କରିଛି — ଆଲୋଚନା କର । 60

7. ମାନବିକତା ମନୋଜ ଦାସଙ୍କ ସୃଜନଶୀଳ ଅନୁଭବର ଏକ ବର୍ଣ୍ଣାଢ୍ୟ ଅଳଙ୍କାର — 'ଲକ୍ଷ୍ମୀର ଅଭିସାର' ର ପଠିତ ଗଳ୍ପଗୁଡ଼ିକର ଅବଲମ୍ବନରେ ଏହି ଉକ୍ତିର ଯଥାର୍ଥତା ପ୍ରତିପାଦନ କର । 60

8. ଚନ୍ଦ୍ରଶେଖର ରଥଙ୍କ 'ମୁଁ ସତ୍ୟାଧର୍ମା କହୁଛି' ର ପ୍ରବନ୍ଧଗୁଡ଼ିକ ଯେପରି ଶାଣିତ ବ୍ୟାଙ୍ଗଧର୍ମୀ, ସେହିପରି ବୌଦ୍ଧିକ ଓ ମୌଳିକ — ପଠିତ ପ୍ରବନ୍ଧ ଅନୁସରଣରେ ବିଚାର କର । 60